# ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ,ଧର୍ମଶାଳା ଜି-ଯାଜପୁର

ବିଜ୍ଞାପନ ସଂଖ୍ୟା- 575 ତା- ୧୪.୦୫.୨୦୨୬

## ବିଜ୍ଞାପନ

ଏତଦ୍ୱାରା ଧର୍ମଶାଳା ପଞ୍ଚାୟତ ସମିତି ଅନ୍ତର୍ଗତ ନେଉଳପୁର, ଚହଟା, ଜାରକା, କବାଟବନ୍ଧ ଗ୍ରାମ ପଞ୍ଚାୟତ ଅଧିନସ୍ଥ ନେଉଳପୁର-୩, ଚହଟା-୧, ଜାରକା ଓ କବାଟବନ୍ଧ-୩ ଅଙ୍ଗନବାଡି କେନ୍ଦ୍ର ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଉପରୋକ୍ତ ଗ୍ରାମପଞ୍ଚାୟତ ରେ ଥିବା ଅଙ୍ଗନବାଡି କେନ୍ଦ୍ରମାନଙ୍କରେ ଅଙ୍ଗନବାଡି କର୍ମୀ ପଦବୀ ଖାଲି ପଡିଅଛି । ଆୟୋଗ ତଥା ସଚିବ ମହିଳା ଓ ଶିଶୁବିଭାଗ,ଓଡିଶା ସରକାର, ଭୁବନେଶ୍ୱରଙ୍କ ନିର୍ଦ୍ଦେଶାବଳୀର ପତ୍ର ସଂଖ୍ୟା ୪୯୭୦ ତା ୧୪.୦୩.୨୦୨୩ ରିଖ ଅନୁଯାୟୀ ଅଙ୍ଗନବାଡି କର୍ମୀ ଚୟନ ନିମିତ୍ତ ଆବେଦନପତ୍ର ଅନଲାଇନ ମାଧ୍ୟମରେ ଆବେଦନ କରାଯିବ । ତେଣୁ ଇଛୁକ ପ୍ରାର୍ଥିନିମାନେ ନିର୍ଦ୍ଧାରିତ ସମୟ ସୀମା ଅର୍ଥାତ ତା ୧୯.୦୪.୨୦୨୬ ରିଖ ଠାରୁ ତା ୦୨.୦୬.୨୦୨୬ ରିଖ ମଧ୍ୟରେ anganawadi engegment portal(www.engegment.awc.odisha.gov.in)ରେ ଆବେଦନ କରିପାରିବେ । ଉପରଲିଖିତ ନିର୍ଦ୍ଧାରିତ ସମୟ ସୀମା ବାହାରେ କୌଣସି ଅନଲାଇନ ଆବେଦନ ପତ୍ର ଦାଖଲ କଲେ ତାହା ଗ୍ରହଣ କରାଯିବ ନାହିଁ । ଅଙ୍ଗନବାଡି କର୍ମୀ ପଦବୀ ପାଇଁ ପ୍ରାର୍ଥିନୀମାନେ ନିମ୍ନସର୍ତ୍ତାବଳୀର ପରିସରଭୁକ୍ତ ହୋଇଥିବା ଆବଶ୍ୟକ ।

### ଅଙ୍ଗନବାଡି କର୍ମୀ ଚୟନ ନିମିତ୍ତ ସର୍ତ୍ତାବଳି;

୧) ପ୍ରାର୍ଥିନୀ କେବଳ ନିର୍ଦ୍ଦିଷ୍ଟ ଅଙ୍ଗନବାଡି କେନ୍ଦ୍ର ପରିସରଭୁକ୍ତ ଗ୍ରାମ/ସାହି/ପଦ/ୱାର୍ଡ/ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ । ସେଥିପାଇଁ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର ଦରଖାସ୍ତ ସହ ଅନଲାଇନ ରେ ଆବେଦନ କରିବେ । କେନ୍ଦ୍ର ଅଞ୍ଚଳର ପରିସରଭୁକ୍ତ ବାସିନ୍ଦା ବୋଲି ଦରଖାସ୍ତକାରିଣୀ ଙ୍କ ସ୍ଥାୟୀ ବାସିନ୍ଦାର ପ୍ରମାଣ ସହ ଦର୍ଶାଇବା ପାଇଁ ସତ୍ୟପାଠ ଅନଲାଇନ ରେ ଅପଲୋଡ କରିବେ।(ଏହା ଯଦି ମିଥ୍ୟା ବୋଲି ପ୍ରମାଣିତ ହୁଏ ତେବେ ଉକ୍ତ ଆବେଦନକାରିଣୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ)

ଗ୍ରାମ/ପଦ/ସାହି/ୱାର୍ଡର କେଉଁ ଘର ଠାରୁ କେଉଁ ଘର ମଧ୍ୟରେ ନିଜର ଘର ଅବସ୍ଥିତ ତାହା ଆବେଦନ ପତ୍ରର ଉଲ୍ଲେଖ କରିବେ। ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର ସମ୍ପୃକ୍ତ ତହସିଲଦାର ଙ୍କ ଠାରୁ ଗ୍ରହଣ କରିବେ ଏବଂ ତାହା ଆଦେଶ ପଡିଥିବା ତାରିଖ ଠାରୁ ୬ ମାସ ବଳବତ୍ତରେ ରହିଥିବ।

୨) ତା ୦୧.୦୧.୨୦୨୬ ରିଖ ସୁଧା ପ୍ରାର୍ଥିନୀଙ୍କର ବୟସ ୧୮ ବର୍ଷ ରୁ କମ କିମ୍ବା ୪୨ ବର୍ଷ ରୁ ଉର୍ଦ୍ଧ ହୋଇନଥିବ ।

୩) ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ ମାଟ୍ରିକ ପାସ କିମ୍ବା ତା ଠାରୁ ଉର୍ଦ୍ଧ ହୋଇଥିବା ଆବଶ୍ୟକ । ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ର ସହି ନକଲ ଦରଖାସ୍ତ ସହ ଅନଲାଇନ ରେ ଅପଲୋଡ କରିବେ । ମାଟ୍ରିକ ପରୀକ୍ଷାରେ ଆହରଣ କରିଥିବା (ମାର୍କସିଟ) ନମ୍ବର ସହି ନକଲ ମଧ୍ୟ ଅପଲୋଡ କରିବେ ।

୪) ଦରଖାସ୍ତ ସହ ଦୁଇଗୋଟି ପାସପୋର୍ଟ ସାଇଜର ଫୋଟୋ ଅପଲୋଡ କରିବା ଆବଶ୍ୟକ ।

୫) ତଫସିଲଭୁକ୍ତ ଜାତି ଓ ଉପଜାତି ଆବେଦନକରିଣୀମାନେ ନିଜର ଜାତିଗତ ପ୍ରମାଣ ପତ୍ର ଅପଲୋଡ କରିବେ ।

୬) ଅନାଥ ଆବେଦନକାରିଣୀ ତତ ସମ୍ବନ୍ଧୀୟ ପ୍ରମାଣପତ୍ର ଅପଲୋଡ କରିବେ ।

୭) ଶାରୀରିକ ବିକଳାଙ୍ଗ ପ୍ରାର୍ଥିନୀ ତତ୍ ସମ୍ବନ୍ଧୀୟ ପ୍ରମାଣପତ୍ର ସମ୍ପୃକ୍ତ ଅଧିକାରୀ ଙ୍କ ଠାରୁ ଆଣି ଦରଖାସ୍ତ ସହ ଅପଲୋଡ କରିବେ।

୮) ବିଧବା ଆବେଦନକାରିଣୀ ତତ ସମ୍ବନ୍ଧୀୟ ପ୍ରମାଣପତ୍ର ଦରଖାସ୍ତ ସହ ଅପଲୋଡ କରିବେ ।

୯) ପ୍ରାର୍ଥିନୀଙ୍କର ମାଟ୍ରିକ ଠାରୁ ଅଧିକ ଶିକ୍ଷାଗତ ପ୍ରମାଣ ପତ୍ର ଥିଲେ ତାହା ଅନଲାଇନ ରେ ଅପଲୋଡ କରିବେ ।

୧୦) ପ୍ରାର୍ଥୀନୀ ଯଦି ଅବିବାହିତା(୧୮ ବର୍ଷ ରୁ ଉର୍ଦ୍ଧ୍ୱ )ହୋଇଥାନ୍ତି ତେବେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତି ରେ ନମ୍ବର ଦିଆଯିବ ।

୧୧) ନିରାଶ୍ରୟୀ ଓ ଛାଡପତ୍ର ପାଇଥିବା ପ୍ରାର୍ଥିନୀମାନେ ଏହା ସମ୍ବନ୍ଧୀୟ ଆବଶ୍ୟକ ପ୍ରମାଣପତ୍ର ଅନଲାଇନରେ ଅପଲୋଡ କରିବେ ।

୧୨) ପ୍ରାର୍ଥିନୀମାନେ ଦରଖାସ୍ତ ସହ ଅନଲାଇନରେ ଅପଲୋଡ କରିଥିବା ସମସ୍ତ କାଗଜାତରେ ନିଜର ଦସ୍ତଖତ କରି ଅପଲୋଡ କରିବା ଆବଶ୍ୟକ ।

୧୩) ସର୍ବଶିକ୍ଷା ଅଭିଯାନ ଖୋଲାଯାଇଥିବା ଇ ସି ସି ଇ (ECCE) ସେଣ୍ଟରରେ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ ଏଥି ନିମନ୍ତେ ଡି ପି ସି ,ଏସ ଏସ ଏ ଙ୍କ ଠାରୁ ଗ୍ରହଣ କରିଥିବା ପ୍ରମାଣ ପତ୍ର ଅନଲାଇନରେ ଅପଲୋଡ କରିବେ ।

୧୪) ପ୍ରାର୍ଥିନୀମାନେ ଏଥିସହ ସଂଲଗ୍ନ ଥିବା ସମସ୍ତ ସର୍ତ୍ତାବଳୀ ଅନୁଯାୟୀ କାଗଜାତ ଓ ଆବଶ୍ୟକୀୟ ପ୍ରମାଣପତ୍ର ସହି ନକଲ ଆବେଦନପତ୍ର ସହିତ ଅପଲୋଡ କରିବେ । ଆବେଦନ ପତ୍ରରେ ପ୍ରାର୍ଥିନୀ ନିଜର ନାମ, ସ୍ଥାୟୀ ଠିକଣା ଓ ଯୋଗାଯୋଗ ନିମନ୍ତେ ଫୋନ ନମ୍ବର ସ୍ପଷ୍ଟ ଭାବେ ଉଲ୍ଲେଖ କରି ଆବେଦନ କରିବେ ।

୧୫) ଅଙ୍ଗନବାଡି କର୍ମୀ ନିମନ୍ତେ ଆବେଦନପତ୍ର ୧୯.୦୫.୨୦୨୬ ରିଖ ଠାରୁ ୦୨.୦୬.୨୦୨୬ ରିଖ ମଧ୍ୟରେ ଅନଲାଇନରେ ଆବେଦନ କରିପାରିବେ ।

୧୬) ପ୍ରାର୍ଥିନୀଙ୍କର ସମସ୍ତ ମୂଳ ପ୍ରମାଣ ପତ୍ର ତା ୦୩.୦୬.୨୦୨୬ ରିଖ ସକାଳ ୦୮.୦୦ ଘଟିକାରୁ ମଧ୍ୟାହ୍ନ ୦୧.୦୦ ଧର୍ମଶାଳା ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ଧର୍ମଶାଳା ବୈଠକ ଗୃହଠାରେ ପ୍ରାର୍ଥିନିମାନଙ୍କର ଉପସ୍ଥିତିରେ ଚୟନ କମିଟି ଦ୍ୱାରା ଯାଞ୍ଚ କରାଯିବ । ଏହାର ୭ ଦିନ ମଧ୍ୟରେ ପ୍ରାର୍ଥିନିମାନଙ୍କର ଚୁଡାନ୍ତ ତାଲିକା ବିଜ୍ଞାପନ ଫଳକରେ ପ୍ରକାଶ ପାଇବ । ଯଦି ଚୁଡାନ୍ତ ତାଲିକାରେ ପ୍ରାର୍ଥିନୀଙ୍କର କୌଣସି ତ୍ରୁଟି ଥାଏ ତେବେ ସେମାନେ ୭ ଦିନ ମଧ୍ୟରେ ଅନଲାଇନ ମାଧ୍ୟମରେ ଅଭିଯୋଗ କରିପାରିବେ ।

୧୭) ଏଥିସହିତ ଆବେଦନ ଫର୍ମ anganawadiengegment portal ରେ ଅପଲୋଡ କରାଯାଇଅଛି।

୧୮) ଅଙ୍ଗନବାଡି କେନ୍ଦ୍ରର ହେଲପର ଧାରାବାହିକ ଭାବେ ୫ ବର୍ଷରୁ ଉର୍ଦ୍ଧ କାର୍ଯ୍ୟ କରି ସମସ୍ତ ଯୋଗ୍ୟତା ଥାଇ ଦରଖାସ୍ତ କରିଥିଲେ ଓ ଯାଞ୍ଚ ପରେ ଦରଖାସ୍ତ କାଏମ ରହିଲେ ସେହି ପ୍ରାର୍ଥିନୀଙ୍କୁ ସିଧାସଳଖ ମନୋନୟନ କରାଯାଇ ନିଯୋଜନ ପତ୍ର ଦିଆଯିବା ଏପରି ସ୍ଥଳେ ଉଲ୍ଲିଖିତ ମନୋନୟନ ପ୍ରକ୍ରିୟା ଲାଗୁ ହେବନାହିଁ ।

ସ୍ୱାକ୍ଷରିତ
୧୮.୦୫.୨୦୨୬

ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ
Child Development Project Officer
ଧର୍ମଶାଳା
Dharmasala

ଦରଖାସ୍ତ ଆହ୍ୱାନ କରାଯାଉଥିବା ଅଙ୍ଗନବାଡି କେନ୍ଦ୍ର ଗୁଡିକର ନାମ ନିମ୍ନରେ ଦିଆଗଲା-

| କ୍ର ନଂ | ଗ୍ରାମପଞ୍ଚାୟତ ନାମ | ଅଙ୍ଗନବାଡି କେନ୍ଦ୍ରର ନାମ | କେଉଁ ପରିସରଭୁକ୍ତ ସାହି/ପଡା/ଗ୍ରାମର ନାମ | କେଉଁ ଘର ଠାରୁ କେଉଁ ଘର ମଧ୍ୟରେ ଅବସ୍ଥିତ |
|---|---|---|---|---|
| ୧ | ନେଉଳପୁର | ନେଉଳପୁର-୩ | କଣ୍ଟାବଣିଆ | ୦୦୧- ଶେକ ଆବୁତାଲିବ<br>୧୬୭- ଫୁଲ ଦେହୁରି |
| ୨ | ଚହଟା | ଚହଟା-୧ | ସିଂହରସାହି | ୦୦୧- ପ୍ରକାଶ ଦେହୁରୀ<br>୨୧୩- ନବଘନ ମହାନ୍ତି |
| ୩ | ଛାଉଜା | ଛାଉଜା | ଛାଉଜା | ୦୦୧- କମଳା ସାହୁ<br>୧୯୫- ସଂଜୀବ ସାମଲ |
| ୪ | ଜଦାଟଦେଈ | ଜଦାଟଦେଈ-୩ | ଦଳଗାଁ | ୦୦୧- ଉଦୟ ଚରଣ ସ୍ୱାଇଁ<br>୧୦୯- ମମତା ଧଳ |